# ତହସିଲଦାରଙ୍କ କାର୍ଯ୍ୟାଳୟ, ଯାମଦା, ମୟୂରଭଞ୍ଜ

**ପତ୍ର ସଂଖ୍ୟା.-859/ତା.-13.04.2021//**

---

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ବାରା ସର୍ବସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ରିହାତି ଆଇନ (OMMC Rules 2016) ନିମାନୁଯାୟୀ, ଓଡିଶା ସରକାରଙ୍କ ରାଜସ୍ବ ବିଭାଗ ଅଧିନସ୍ଥ ମୟୁରଭଂଜ ଜିଲ୍ଲା ଯାମଦା ତହସିଲ ଅନ୍ତରର୍ଗତ 3 ଗୋଟି ସୈରାତ ଉତ୍ସ (ପଥର ଖାଦାନ) ଗୁଡିକର ଆସନ୍ତା 5 (ପାଂଚ) ବର୍ଷ ନିମନ୍ତେ ଲିଜ ପାଇଁ ନାମ୍ନ ସାରଣୀ ମୁତାବକ ତହସିଲଦାର, ଯାମଦା ଙ୍କ ଦ୍ବାରା ନିଲାମ କରାଯିବ । ଇଚ୍ଛୁକ ବକ୍ତି ବିଶେଷ OMMC Rules 2016 ର **Form-M (3copies)** ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା Sealed Cover ରେ ଆବେଦନ କରୁଥିବା ଉତ୍ସର ନାମ ଓ ସୈରାତ କେସ୍ ନମ୍ବର ଉଲ୍ଲେଖ କରି Registered Post/ Speed Post ଜରିଆରେ ଯାମଦା ତହସିଲଦାର ଙ୍କ କାର୍ଯାଳୟ ଠିକଣାରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ଆସନ୍ତା ତା 16.04.2021 ରିଖ ଠାରୁ ତା. 29.04.2021ରିଖ ଅପରାହ୍ନ 1.00 ଘଟିକା ମଧ୍ଯରେ (ଛୁଟି ଦିନ ବ୍ୟତୀତ) ପକାଇ ପାରିବେ । ଧାର୍ଯ ତାରିଖ ଓ ସମୟ ଅତିବାହିତ ହେଲାପରେ କୌମସି ଦରଖାସ୍ତ ଗ୍ରହଣୀୟ ନୁହେଁ । ତା 30.04.2021 ରିଖ 02 ଘଟିକା ସମୟରେ ଲିଜ ଦରଖାସ୍ତାକାରୀ / ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

## ଆବଶ୍ୟକୀଯ ଦସ୍ତାବିଜ୍

1. ଦରଖାସ୍ତ ଫି ବାବଦକୁ ଟ.1,000/- (ଏତ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – 102 – 0217- 02021 Non-Ferrous Mining and Metallurgical Industries – Miner Concession Fees, Rents and Royalties) ଜମା କିରବାକଗୁ ପଡିବ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଦରଖାସ୍ତକରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ **ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ** ।
3. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା **ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣ ମୂଲ୍ୟର 18 ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି** (Bank Guarantee) କିମ୍ବା **18 ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ** Solvency Certificate ଆବେଦନ ସହିତ ଦାଖଲ କରିବାକୁ ହେବ ।
   Bank Guarantee = (MGQ of that Quarry for $1^{st}$ year)*(Offered Additional Charge + Royalty)
4. ପ୍ରାଧିକୃତ ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା **ଆବେଦନ କାରୀଙ୍କ ସ୍ଥାବର ସମ୍ପତ୍ତିର** (Immovable Property) ତାଲିକା
5. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ **ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା 5 ଭାଗ EMD** (Earnest Money) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ ।
   **[EMD = 5% of {(MGQ of that Quarry for $1^{st}$ year)*( additional charge + Royalty)}]**

## ସର୍ତ୍ତାବଳୀ

1. ଆବେଦନକୀରୀ ମାନେ OMMC Rules 2016 & Amendment Rules there after ର ପରିସର ଭୁକ୍ତ ରହିବେ ଏବଂ ତତ୍ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନବାକୁ ବାଧ୍ଯ ହେବେ ।
2. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟାବେକ୍ଷଣ କରି ଲିଜରେ ଭାଗନେବେ । ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

3. ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

4. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମ ଧାରିଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1ରୁ ଅଧିକ ନିଲାମ ଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

5. ଯୋଗ୍ୟ ବିବେଚିତ ହୋଇଥିବା ଅତିରିକ୍ତ ଆବେଦନକାରୀ ସ୍ଥିରିକୃତ ହୋଇଥିବା **ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ (MGQ) ସହିତ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ପଥର ରୟାଲଟି ଏବଂ ବାର୍ଷିକ (MGQ) ପାଇଁ ଧାର୍ଯ୍ୟ DMF(Contribution payble to DMF) ଗୁଣନ କରି ସମ୍ମିଳ୍ତ କରି ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି କୁ ବାଦ୍ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ** । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । ଯଦି ମନୋନିତ ଆବେଦନକାରୀ 15 ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନକରନ୍ତି, ତେବେ ତାଙ୍କର EMD ବାବଦକୁ ଜମା ରାଶି ବାଜ୍ୟାପ୍ତ କରି ସରକାର ନିକଟରେ ଜମା ଦିଆଯିବ ଏବଂ ଦ୍ବତୀୟ ସର୍ବାଧିକ ଅତିରିକ୍ତ ଡେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲାପରେ ଅକୃତ୍ୟ କାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଉଡିବା Earnest Money ଫେରସ୍ତ କରାଯିବ ।

6. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା 5% ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral foundation ବାବଦକୁ ଶତକଡା 10% ଭାଗ ଅର୍ଥ ଜମା କରିବାକୁ ପଡିବ । **ସେହିଭଳି ଲିଜ ଧାରିଙ୍କୁ ଆଗାମି 7 (ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ) ବକୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ ଲିଜଧାରୀ ବକୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ – 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ) ସମ୍ପାଦନ କରିବେ ଯଦି ନିୟୋମିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ** । ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟକ ବର୍ଷ ଲିଜ ଚୁକ୍ତି (Lease Agreement) ର ଦିନ ଶେଷ ହେବାର 2ମାସ ପୂର୍ବରୁ ଦେୟ ପଇଠ କରିବେ ।

7. ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ବିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରିଙ୍କୁ ସୁଯୋଗ ଦିଆଯିବ ।

8. ଯଦି ଦ୍ବିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବୋଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

9. ଲିଜଧାରିଙ୍କ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent & Surface Rent ଦାଖଲ କରିବାକୁ ପଡିବ ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି / Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ ।

10. ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର **2 % (ଶତକଡା ଦୁଇ) ଆୟକର** ଓ ସମୟାନୁକ୍ରମେ ସରକାରଙ୍କ ଦ୍ବରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେ ବର୍ଷ ଜମାକରିବା ପାଇଁ ପଡ଼ିବ ।

11. ମନୋନୀତ ଆବେଦନକାରୀ Mining Plan ତଥା Environmental Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡ଼ିବ ଏହା ସହିତ ଲିଜଧାରୀମାନେ ବିଜ୍ଞାପନ ଖର୍ଚ୍ଚ ଆନୁପାତିକ ଭାବରେ ବହନ କରିବେ ।

12. ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବନାହିଁ ।

13. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ ।

14. ନିଲାମଧରୀ OMMC Rule - 2016 ରେ ନିୟମ – 33(1-29)ର ସମସ୍ତ ସର୍ତ୍ତାବଳୀ ପାଇଁ ବାଧ୍ଯ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଙ୍ଘନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତିତ OMMC Rule - 2016 ଅନୁସାରେ ମଧ୍ଯ ଦଣ୍ଡିତ ହେବେ ।

15. Vehicles to be used as approved in the Mining Plan.

16. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ |

17. ସର୍ବୋଚ୍ଚ ନିଲାମଧାରୀ ପଥର ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ |

18. ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ | ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ |

19. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ |

20. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ |

21. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନିତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ୍ – 2017 ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସଂପାଦନ କରିବାକୁ ହେବ |

ଯଦି ପ୍ରଥମ ଧାର୍ଯ୍ୟ ତା.30.04.2021 ରିଖ ରେ କୌଣସି କାରମ ବଶତଃ ଜଉମୁଦ ଟେଣ୍ଡର ବାକ୍ସ ଖୋଲାହୋଇ ନପାରିଲେ, ପରବର୍ତୀ ପର୍ଯ୍ୟାୟରେ ତା.03.05.2021 ରିଖ ସକାଳ 08 ଘଟିକାରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ |

ଯଦି ପ୍ରଥମ ଧାର୍ଯ୍ୟ ତା.30.04.2021ରିଖରେ ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି କିମ୍ବା କୌଣସି ଉତ୍ସ ପାଇଁ ଯଦି ଆବେଦନ ଆସିନଥାଏ ତେବେ ପରବର୍ତୀ ପର୍ଯ୍ୟାୟରେ ତା.05.05.2021ରିଖ ଅପରାହ୍ନ 1.00 ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ତାହା ତା.06.05.2021ରିଖ ସକାଳ 09 ଘଟିକାରେ ଯାମଦା, ତହସିଲଦାରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯିବ ଓ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ |

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର କରିଅଛି |

ତହସିଲଦାର, ଯାମଦା
Tahasildar
Jamda

ଜ୍ଞାପକ ସଂଖ୍ୟା – 860 / ତା.13.04.2021//

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ ଓ ଉପ-ଜିଲ୍ଲାପାଳ, ବାମନଘାଟୀ, ରାଇରଙ୍ଗପୁର ଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା |

ତହସିଲଦାର, ଯାମଦା
Tahasildar
Jamda

ଜ୍ଞାପକ ସଂଖ୍ୟା – 861 / ତା.13.04.2021//

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ଯାମଦା, ସଂପୃକ୍ତ ଅଂଚଳର ଗ୍ରା.ପ./ସଂପୃକ୍ତ ଥାନା ଅଧିକାରୀ ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା |

ତହସିଲଦାର, ଯାମଦା
Tahasildar
Jamda

ଜ୍ଞାପକ ସଂଖ୍ୟା – 863 / ତା.13.04.2021//

ଏହାର ଏକକିତା ନକଲ ଯାମଦା ତହିସିଲ ଅଧିନରେ ଥିବା ରାଜସ୍ୱ ପର୍ଯ୍ୟବେକ୍ଷଣ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର, ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା |

ସ୍ୱାଃ 13/4/2021

ତହସିଲଦାର, ଯାମଦା

Tahasildar
Jamda

ଜ୍ଞାପକ ସଂଖ୍ୟା – 864 / ତା.13.04.2021//

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲା ରେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା |

ସ୍ୱାଃ 13/4/2021

ତହସିଲଦାର, ଯାମଦା

Tahasildar
Jamda

## ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ଧାର୍ଯ୍ୟ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | ରକବା | ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ପଥର ଉତ୍ତୋଳନ ପରିମାଣ (MGQ) | ମନ୍ତବ୍ୟ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | BAGHIA | Baghia Stone Quarry | 113 | 52&60 | A.4.92dec | Rs.130/- + 30/- =160/- | 3511 cum. | |
| 2 | RUMAPAHADI | Rumapahadi Stone Quarry | 149 | 374 | A.5.25dec | Rs.130/- + 30/- =160/- | 20250 cum. | |
| 3. | LAXMIPOSI | Laxmiposi Stone Quarry | 85 | 71 | A.4.03dec | Rs.130/- + 30/- =160/- | 1800 cum. | |

ସ୍ୱାଃ 13/4/2021

ତହସିଲଦାର, ଯାମଦା

Tahasildar
Jamda